# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**6 December – 2025**

---

## ପୁରୀ ଗ୍ଲୋବାଲ ସମିଟ

ସ୍ୱଚ୍ଛ ଇନ୍ଧନ କ୍ଷେତ୍ରରେ ଭାରତର କାର୍ଯ୍ୟପନ୍ଥା ଓ ଅଗ୍ରଣୀ ଭୂମିକା ବିଷୟବସ୍ତୁ ଉପରେ ଆଧାରିତ ବୈଶ୍ୱିକ ଶକ୍ତି ନେତୃତ୍ୱ ସମ୍ମିଳନୀ-୨୦୨୫ ଆଜିଠାରୁ ପୁରୀରେ ଆରମ୍ଭ ହେଉଛି । ସମ୍ମିଳନୀରେ କେନ୍ଦ୍ର ନୂତନ ଓ ନବୀକରଣ ଯୋଗ୍ୟ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏବଂ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାୟକ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କ ସମେତ ବିଭିନ୍ନ ରାଜ୍ୟର ମନ୍ତ୍ରିମଣ୍ଡଳର ସଦସ୍ୟ ଭାଗ ନେବେ ବୋଲି ଜଣାପଡ଼ିଛି । ସମ୍ମିଳନୀ ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବ ।

---

## ପଞ୍ଚାୟତ ନିର୍ବାଚନ

ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ୨୦୨୭ ମସିହାରେ କରାଯିବ । ଏହା ପୂର୍ବରୁ ନୂତନ ପଞ୍ଚାୟତ ଓ ବ୍ଲକ ପୁନର୍ଗଠନ ନେଇ ସରକାର ବିଚାର କରୁଛନ୍ତି ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ବିଧାନସଭାରେ କହିଛନ୍ତି । ଜଳସମ୍ପଦ ବିଭାଗର ଅତିରିକ୍ତ ବଜେଟ୍‌ର ଖର୍ଚ୍ଚଦାବି ଆଲୋଚନାରେ ଭାଗନେଇ ଶ୍ରୀ ନାୟକ କହିଛନ୍ତି ରାଜ୍ୟ ସରକାର ମନରେଗା ଯୋଜନାରେ ୯ଟି ଦାଦନ ପ୍ରବଣ ଜିଲ୍ଲାରେ ୪ ବର୍ଷ ପାଇଁ ବର୍ଷକୁ ୩୦୦ ଦିନ ଲେଖାଏଁ କାମ ଯୋଗାଇ ଦେବେ ।

ଗାଁଗୁଡ଼ିକରେ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ – ଗାଁ ବିକଶିତ ଓଡ଼ିଶା ଯୋଜନା'ରେ ୧୫ଲକ୍ଷ ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ଶ୍ରମ ନିଯୁକ୍ତି ଯୋଜନାରେ ୧୦ଲକ୍ଷ ଟଙ୍କା ଦେବେ  ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।

# ଚୁକ୍ତି

ପ୍ରବାସୀ ଶ୍ରମିକ ଓ ସେମାନଙ୍କ ପରିବାରଙ୍କ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଏବଂ ମିଳିତ ଚାଷୀ ସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ମଧ୍ୟରେ ଏକ ବୈଷୟିକ ସହାୟତା ଚୁକ୍ତି ଗତକାଲି ଲୋକସେବା ଭବନରେ ସ୍ୱାକ୍ଷରିତ ହୋଇଛି । ଶ୍ରମିକ ପରିବାରମାନେ ରାଜ୍ୟ ଭିତରେ ଯେଉଁ ସ୍ଥାନଗୁଡ଼ିକୁ କାମ କରିବା ପାଇଁ ଯାଉଛନ୍ତି ସେଠାରେ ସେମାନଙ୍କୁ ଖାଦ୍ୟ, ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା ଓ ଶ୍ରମ ଭିତ୍ତିକ ଯୋଜନାରେ ସମସ୍ତ ଆବଶ୍ୟକୀୟ ସେବାଗୁଡ଼ିକୁ ଯୋଗାଇଦେବା ପାଇଁ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଦେଶରେ ପ୍ରାୟ ୧୦ କୋଟି ପ୍ରବାସୀ ଶ୍ରମିକଙ୍କର ଜାତୀୟ ମୋଟ୍ ଘରୋଇ ଉତ୍ପାଦରେ ୧୦ ପ୍ରତିଶତ ଅବଦାନ ରହିଛି । ବୁଝାମଣାପତ୍ର ଅନୁସାରେ, ଏହି କାର୍ଯ୍ୟକ୍ରମ ପ୍ରଥମେ ଖୋର୍ଦ୍ଧା ଜିଲ୍ଲାରେ ଏକ ସଂପ୍ରସାରଣକ୍ଷମ ମଡେଲ୍ ଭାବେ କାର୍ଯ୍ୟକାରୀ କରାଯିବ ।

# ଶ୍ରମ ଆଇନ

କେନ୍ଦ୍ର ସରକାର ଆତ୍ମନିର୍ଭର ଭାରତ ଗଠନ ନିମନ୍ତେ ଶ୍ରମ ସଂସ୍କାର କ୍ଷେତ୍ରରେ ୪ଟି ନୂଆ ଆଇନ ଲାଗୁ କରିଛନ୍ତି । ବିପଦପୂର୍ଣ୍ଣ କ୍ଷେତ୍ରରେ

ନିଯୁକ୍ତି ପୂର୍ବରୁ ଶ୍ରମିକମାନଙ୍କ ସକାଶେ ଡାକ୍ତରୀ ପରୀକ୍ଷା  ଏବଂ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷାକୁ ବାଧ୍ୟତାମୂଳକ କରାଯାଇଛି । ସମଗ୍ର ଦେଶରେ ସମାନ ସୁରକ୍ଷା ମାନଦଣ୍ଡ ଲାଗୁ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରମିକମାନଙ୍କ ଅବଦାନକୁ ସମ୍ମାନ ଜଣାଇ କହିଛନ୍ତି, ଦେଶ ତା'ର ଶ୍ରମଶକ୍ତିକୁ ନେଇ ଗର୍ବିତ ।

## ସ୍ୱଷ୍ଟୀକରଣ

ଗ୍ରାମପଞ୍ଚାୟତ ଚତୁର୍ଥଶ୍ରେଣୀ କର୍ମଚାରୀ ପଦ ସୃଷ୍ଟି ନେଇ ସାମାଜିକ ଗଣମାଧ୍ୟମ ଗୁଡ଼ିକରେ ହେଉଥିବା ପ୍ରଚାର ଜନସାଧାରଣଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରୁଛି ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ କୁହାଯାଇଛି । ସରକାରଙ୍କ ତରଫରୁ ଏହି ପଦବୀ ସୃଷ୍ଟି ପାଇଁ କୌଣସି ବିଜ୍ଞପ୍ତି ଜାରି  କରାଯାଇ ନାହିଁ । ଅଧିକାରୀକ ଭାବେ ସରକାର ଜାରି କରିଥିବା ସୂଚନାକୁ ଗ୍ରହଣ କରିବା ସହିତ ସତର୍କ ରହିବା ପାଇଁ ବିଭାଗ ପକ୍ଷରୁ ସ୍ୱଷ୍ଟୀକରଣ ଜାରି କରାଯାଇଛି ।

## ପୁସ୍ତକ ମେଳା

ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ୟୁନିଟ୍ ୩ ପ୍ରଦର୍ଶନୀ ପଡ଼ିଆରେ ଆଜିଠାରୁ ୧୭ ତାରିଖ ପର୍ଯ୍ୟନ୍ତ ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଆରମ୍ଭ ହେଉଛି । ଆଜିର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# କୃଷି ମେଳା

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଞ୍ଚଳିକ କୃଷି ଉପକରଣ ଓ ଯନ୍ତ୍ରପାତି ମେଳା ଆୟୋଜନ କରିବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଆସନ୍ତା ମାସରେ ୫ ଦିନ ଧରି ରାମେଶ୍ୱରମ୍ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ମେଳାରେ ୧୧ଟି ଜିଲ୍ଲାର ଚାଷୀ ଏବଂ କୃଷି ବିଭାଗ ଅଧିକାରୀ ଯୋଗଦେବେ ।

# ବୈଠକ

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଯଉଗଡ଼ ସମ୍ମିଳନୀକକ୍ଷଠାରେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ଡ୍ରେନ୍ ମାଷ୍ଟର ପ୍ଲାନ୍, ରାଜସ୍ୱ ଆଦାୟ ଓ ଅମୃତ ଭାରତ ଯୋଜନା ଆଦି ବିଭିନ୍ନ ଯୋଜନା ଓ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରାଯାଇଥିଲା ।

# ଯୁବ ଉତ୍ସବ

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ୨୦୨୫ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର୍. ଆୟାର ଯୋଗଦେଇ କହିଛନ୍ତି, ଯୁବଶକ୍ତି

ଦେଶ ଗଠନରେ ଅଗ୍ରଣୀଭୂମିକା ନେଉଛି ଏବଂ ବିକଶିତ ଓଡ଼ିଶା ଓ ଭାରତ ଗଠନରେ ଯୁବକମାନେ ସେମାନଙ୍କର ବଳିଷ୍ଠ ଅବଦାନଦେବାର ଆବଶ୍ୟକତା ରହିଛି ।

---

## କ୍ରିକେଟ୍

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖ ମଙ୍ଗଳବାର ଦିନ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ କ୍ରିକେଟ୍ ମ୍ୟାଚ୍ ଖେଳାଯିବ ।  ଦକ୍ଷିଣ ଆଫ୍ରିକାର ୫ ଜଣ ଖେଳାଳି ଗତକାଲି ଭୁବନେଶ୍ୱରରେ ପହଞ୍ଚିଛନ୍ତି । ଗୋଟିଏ ଦିନରେ ଗତକାଲି କାଉଣ୍ଟରରେ ସମସ୍ତ ୧୦ ହଜାର ଟିକେଟ୍ ବିକ୍ରି ହୋଇଯାଇଥିବା କର୍ତ୍ତୃପକ୍ଷ କହିଛନ୍ତି । ଚଳିତ କ୍ରିକେଟ୍ ମ୍ୟାଚ୍‌ରେ ୩୦ ହଜାର ୫୦୫ ଦର୍ଶକଙ୍କ ଖେଳ ଦେଖିବା ପାଇଁ ଷ୍ଟାଡିୟମରେ ବ୍ୟବସ୍ଥା ହୋଇଥିବା ଜଣାପଡ଼ିଛି ।

---

## ପାଣିପାଗ

ରାଜ୍ୟର ଅଧିକାଂଶ ଅଞ୍ଚଳରେ ରାତିର ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି । ଦାରିଙ୍ଗବାଡ଼ିରେ ଗତକାଲି ସର୍ବନିମ୍ନ ତାପମାତ୍ରା ୮ ଦଶମିକ ୫ ଡିଗ୍ରୀସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା । ପାଣିପାଗ ବିଭାଗର ସୂଚନା ଅନୁସାରେ ଆଜି ଓ ଆସନ୍ତାକାଲି କୋରାପୁଟ, ସୁନ୍ଦରଗଡ଼, କଳାହାଣ୍ଡି, କନ୍ଧମାଳ ଓ ସୋନପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘନକୁହୁଡ଼ି ଦେଖାଦେବ । ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ

ଅନୁଗୁଳ ଜିଲ୍ଲାରେ ଅତ୍ୟଧିକ ଥଣ୍ଡା ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

..........................................................................................